# Akashvani, Sambalpur

## SAMBALPURI NEWS EVENING BULLETIN

## 14 December 2024- 7.02 pm- 7.12 pm.

*********************************************

୧- ଭାରତ୍‌ର ଲୋକତନ୍ତ୍ର ବହୁତ୍ ସମୃଦ୍ଧ ଆଏ - କହେଲେ ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ ।

୨- ରାଏଜେ ୪ ଡିସ୍‌ମିଲ୍‌ନୁ କମ୍ ଜମି ଥିବାର୍ ଲୁକେ ଭୂମିହୀନଥି ହେବେ ଗନ୍‌ତି ।

୩- ସାରା ରାଏଜେ ଆଏଜ୍ ହେଇଛେ ୪ ନମ୍ବର୍ ରାଷ୍ଟ୍ରୀୟ ଲୋକ୍‌ଅଦାଲତ୍ ।

ଆଉର୍

୪- ଶକ୍ତି ସଂରକ୍ଷଣ୍ ଆର୍ ତାର୍ ବେଭାର୍ ବାବ୍‌ଦେ ସଚେତନତା ଲାଗି ଆଏଜ୍ ପାଳନ୍ କରାଯାଉଛେ ଶକ୍ତି ସଂରକ୍ଷଣ୍ ଦିବସ୍ ।

ପ୍ରଧାନ୍‌ମନ୍ତ୍ରୀ-ସମ୍ବିଧାନ୍ ଉପ୍‌ରେ ଆଲୋଚନା

ଆର୍‌ଏନ୍‌ୟୁ/ସମ୍ବଲ୍‌ପୁର୍

ଭାରତ୍‌ର ଲୋକତନ୍ତ୍ର ବହୁତ୍ ସମୃଦ୍ଧ ବଲି ଲୋକ୍‌ସଭା ନ ପ୍ରଧାନ୍‌ମନ୍ତ୍ରୀ ନରେନ୍ଦ୍ର ମୋଦୀ କହିଛନ୍ । ଆଏଜ୍ ସଂସଦ୍ ନ ସମ୍ବିଧାନ୍ ଉପ୍‌ରେ ଆଲୋଚନାଥି ଭାଗ୍ ନେଇକରି ପ୍ରଧାନ୍‌ମନ୍ତ୍ରୀ ଶ୍ରୀ ମୋଦୀ କହିଛନ୍ ଯେ, ଦେଶ୍ ଜବର୍ ଗତିଥି ଆଗ୍‌କେ ବଢୁଛେ । ସମ୍ବିଧାନ୍ ଭାରତ୍‌ର ଏକତାର୍ ଆଧାର୍ । ୭୫ ବଛ୍‌ରର୍ ଭାରତ୍‌ର ଉପଲବ୍ଧି ଅସାଧାରଣ୍ ଆଏ । ଭାରତ୍‌ର ଲୋକତନ୍ତ୍ର ବହୁତ୍ ସମୃଦ୍ଧ । ଦେଶର୍ ଗଣତନ୍ତ୍ର ପୁର୍‌ଥିର୍ ଲାଗି ପ୍ରେରଣାର ସ୍ରୋତ ଆଏ । ବିବିଧତା ଭିତ୍‌ରେ ଏକତା, ଦେଶର୍ ବିଶେଷତ୍ୱ ବଲି ସମ୍ବିଧାନ୍ ଚର୍ଚ୍ଚାଥି ପ୍ରଧାନ୍‌ମନ୍ତ୍ରୀ ଶ୍ରୀ ମୋଦୀ କହିଛନ୍ । ଶ୍ରୀ ମୋଦୀ ଆହୁରି କହିଛନ୍ ଯେ,

(ଭଏସ୍ ଓଭର୍- ପ୍ରଧାନ୍‌ମନ୍ତ୍ରୀ)

ବସୁନ୍ଧରା -ରାଜସ୍ୱ ମନ୍ତ୍ରୀ ସମ୍ବଲ୍‌ପୁର୍ ସମ୍ବାଦଦାତା

ରାଏଜେ ୪ ଡିସ୍‌ମିଲ୍‌ନୁ କମ୍ ଜମି ଥିବାର୍ ଲୁକେ ଭୂମିହୀନଥି ଗନ୍‌ତି ହେବେ ବଲି ରାଜସ୍ୱ ଆଉ ବିପର୍ଯ୍ୟୟ ପରିଚାଳନା ମନ୍ତ୍ରୀ ସୁରେଶ୍ ପୂଜାରୀ କହିଛନ୍ । ସମ୍ବଲ୍‌ପୁର୍ ଠାନେ ଧାନ୍‌ଘିନା, ଇନ୍‌ପୁଟ୍ ସବ୍‌ସିଡି ଆଉ ରାଜସ୍ୱ ବିଭାଗ୍‌ର ଗୁଟେ ସମୀକ୍ଷା ବୈଠକ୍ ଉତ୍‌ରୁ ସେ କହିଛନ୍ ଯେ, ଆଗ୍‌କେ

ବସୁନ୍ଧରା ଯୋଜ୍‌ନାଥି ପାଇଥିବା ଜମି ଆଉ ବିକ୍ରି ହେଇ ନାଇଁପାରେ । ରାଜସ୍ୱ ଆଇନ୍ ଆଉ ରାଜସ୍ୱ ସେବାଥି ବଡ଼ ଅଦଲ୍‌ବଦଲ୍ ହେବା । ରାଜସ୍ୱ ବିଭାଗ୍ ତର୍‌ଫୁ ରାଜସ୍ୱ ନିରୀକ୍ଷକ ଆଉ ଅମିନ୍‌ମାନ୍‌କୁ ଲେପ୍‌ଟପ୍ ଦିଆଯିବା । ଇତାର୍‌ସହେତେ ବିଭାଗ୍‌ର ଆଧୁନିକୀକରଣ୍ ଉପ୍‌ରେ ଜୋର୍ ଦିଆଯାଉଛେ ବଲି ରାଜସ୍ୱ ମନ୍ତ୍ରୀ କହିଛନ୍ । ସାଧାରଣ୍ ଲୁକେ ଭଲ୍ ଭାବେ ରାଜସ୍ୱ ସେବା ପାଏବେ ଆଉ ଭୂମିହୀନ୍‌ମାନେ ଜମି ପାଏବେ, ସେ ବାବ୍‌ଦେ ବୈଠକ୍‌ଥି ସମୀକ୍ଷା କରାଯାଇଥିଲା ବଲି ମନ୍ତ୍ରୀ କହିଛନ୍ ।

ବୁର୍ଲା ହାଇସ୍କୁଲ୍- ପ୍ଲାଟିନମ୍ ଜୁବ୍‌ଲି ଆର୍‌ଏନ୍‌ୟୁ/ ସମ୍ବଲପୁର

ସମ୍ବଲ୍‌ପୁର୍ ଜିଲ୍ଲା ବୁର୍ଲା ସର୍‌କାରୀ ହାଇସ୍କୁଲ୍‌ର ୭୫ ବଛର୍ ପୂର୍ତି ଉଲ୍‌ଗୁନେ ଭିନ୍ ଭିନ୍ କାର୍ଯ୍ୟକ୍ରମ୍ ଆଏଜ୍ ମୁଲ୍ ହେଇଛେ । ଉଦ୍‌ଘାଟନୀ ସଭାଥି ରାଜସ୍ୱ ଆଉ ବିପର୍ଯ୍ୟୟ ପରିଚାଲନା ମନ୍ତ୍ରୀ ସୁରେଶ୍ ପୂଜାରୀ ଆର୍ ବିଧାୟକ୍ ଜୟନାରାୟଣ୍ ମିଶ୍ର ଯୋଗ୍ ଦେଇକରି ସେଲ୍‌ଫି ଆର୍ ଲୋଗୋ ପଏଂଟ୍ ଉଦ୍‌ଘାଟନ୍ କରିଥିଲେ । ତାର୍ ଆଗ୍‌ରୁ ହାଇସ୍କୁଲ୍‌ର ଏନ୍‌ସିସି କେଡେଟ୍ ଆର୍ ପୁରାତନ ଛାତ୍ରଛାତ୍ରୀମାନେ ଗୁଟେ ରେଲି କରିଥିଲେ ।

କାର୍ଯ୍ୟକ୍ରମ୍‌ର ୨ ନମ୍ବର୍ ଦିନେ ଆଏବାକାଏଲ୍ ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ, କେନ୍ଦ୍ର ଶିକ୍ଷାମନ୍ତ୍ରୀ ଧର୍ମେନ୍ଦ୍ର ପ୍ରଧାନ୍, ରାଜ୍ୟର୍ ମନ୍ତ୍ରୀ ରବିନାରାୟଣ୍ ନାଏକ୍ ଆଉ ନିତ୍ୟାନନ୍ଦ ଗୋଣ୍ଡ ଯୋଗ୍ ଦେବାର୍ କାର୍ଯ୍ୟକ୍ରମ୍ ରହିଛେ ।

ଜନଅଭିଯୋଗ୍ ଶୁଣାଣି        ସିଏମ୍‌ଓ

ଭୁବ୍‌ନେଶ୍ୱର୍ ୟୁନିଟ୍ -୫ ନ ଥିବା ମୁଖ୍ୟମନ୍ତ୍ରୀଙ୍କର୍ ଅଭିଯୋଗ୍ ଶୁଣାଣି ପ୍ରକୋଷ୍ଠ ଠାନେ ଆଏବା ସୋମ୍‌ବାର୍ ଦିନ ଅଭିଯୋଗ୍ ଶୁଣାଣି କାର୍ଯ୍ୟକ୍ରମ୍ ହେବା । ଗଲା ଅକ୍ଟୋବର୍ ମାସ ୨୮ ତାରିଖିଥି ଅଭିଯୋଗ୍ କର୍‌ବାର୍ ଲାଗି ଯେନ୍‌ମାନେ ଆଘୋନୁ ପଞ୍ଜିକରଣ୍ କରିଥିଲେ ସେମାନ୍‌କର୍ ଖାଲି ଶୁଣାଣି ହେବା ।  ଇଥିର୍‌ଲାଗି ଫେର୍‌ଘାଏ ପଞ୍ଜିକରଣ୍ କର୍‌ବାର୍‌କେ ନାଇଁ ପଡ଼େ । ଇ ବାବ୍‌ଦେ ସାଧାରଣ ପ୍ରଶାସନ୍ ଆର୍ ସାଧାରଣ ଅଭିଯୋଗ୍ ବିଭାଗ୍ ତର୍‌ଫୁ ସୂଚ୍‌ନା ଦିଆଯାଇଛେ ।

ଗୀତା ମହୋତ୍ସବ        ଆର୍‌ଏନ୍‌ୟୁ / ସମ୍ବଲପୁର

ହରିଆଣାର୍ କୁରୁକ୍ଷେତ୍ର ଠାନେ ଆୟୋଜିତ୍ ହେଇଥିବା ଗୀତା ମହୋତ୍ସବ୍ଥି ଓଡ଼ିଶା ଅଂଶୀଦାର୍ ରାଜ୍ୟ ଭାବେ ସାମିଲ୍ ହେଇଛେ । ସେନ ଓଡ଼ିଶା ମଣ୍ଡପ୍ଥି କୋଣାର୍କ ଚକ୍ରନୁ ନେଇକରି ଓଡ଼ିଶାର୍ କଳା, ଭାସ୍କର୍ଯ୍ୟ, ସଂସ୍କୃତି ଆଉ ଐତିହ୍ୟର୍ ଝଲକ୍ ଦେଖିବାର୍କେ ମିଲୁଛେ । ଇତାର୍ ଜରିଏ ଦେଶ୍ ବିଦେଶ୍ନୁ ଆସୁଥିବାର୍ ଦର୍ଶକ୍ମାନେ ଓଡ଼ିଶାର୍ ଗୌରବମୟ ଇତିହାସ୍ ଆର୍ ସଂସ୍କୃତି ବାବ୍ଦେ ଜାନିପାରୁଛନ୍ । ସେନ ଓଡ଼ିଶାର୍ ସମ୍ବଲ୍ପୁରୀ ଆଉ ଅଲ୍ଗା ବାନ୍ଧ ବସ୍ତ୍ର ସହେତେ ଚିତ୍ରକଳା, ହସ୍ତଶିଳ୍ପ, ପାରମ୍ପାରିକ୍ ଖାଏବାର୍ ଦରବ୍ ଷ୍ଟଲ୍ ଲାଗିଛେ । ଇ ମଣ୍ଡପ୍ ନ ଶାସ୍ତ୍ରୀୟ ଆଉ ଭିନ୍ ଭିନ୍ ଲୋକନୃତ୍ୟର ଭିଲ୍ ବ୍ୟବସ୍ଥା କରାଯାଇଛେ । ଇ ୯ ନମ୍ବର୍ ଆନ୍ତରାଷ୍ଟ୍ରୀୟ ଗୀତା ମହୋତ୍ସବ୍ ଆଏବାକାଏଲ୍ତକ୍ ଚାଲ୍ବା ।

ରାଷ୍ଟ୍ରୀୟ ଲୋକଅଦାଲତ୍

ଆର୍ଏନ୍ୟୁ/ କଟକ୍/ ଝାର୍ସୁଗୁଡ଼ା/ ବୌଦ୍ଧ/ କଲାହାଣ୍ଡି

ରାଏଜେ ଆଏଜ୍ ଇ ବଛ୍ରର୍ ୪ ନମ୍ବର୍ ଲୋକ୍ ଅଦାଲତ୍ ଅନୁଷ୍ଠିତ୍ ହେଉଛେ । ହାଇକୋର୍ଟର ୯ ଟା କୋର୍ଟ ନ ମାମ୍ଲା ମାନ୍କର୍ ଶୁଣାଣି କରାଯାଇଥିଲା । ଲୋକ୍ଅଦାଲତ୍ ଲାଗି

ପାଖାପାଖି ଦେଢ଼୍ ଲାଖ୍ ମାମ୍ଲା ବିଚାର୍କେ ନିଆଯାଇଥିଲା । ଓଡ଼ିଶା ହାଇକୋର୍ଟ ସହେତେ ଭିନ୍ ଅଦାଲତ୍ ନ ମାମ୍ଲା ମାନ୍କର୍ ଆପୋଷ୍ ବୁଝାମଣା ଜରିଏ ସମାଧାନ୍ ଲାଗି ଲୋକ୍ଅଦାଲତ୍ ନ ଥିର୍ କରାଯାଇଥିଲା । ବିଚାରାଧୀନ୍ ଥିବାର୍ ମକ୍ଦ୍ଦମା ମାନ୍ ଲୋକ୍ଅଦାଲତ୍ମାନ୍କେ ସହମତି ଜରିଏ ସମାଧାନ୍ କରାଯାଇଛେ ।

ଝାର୍ସୁଗୁଡ଼ା ଜିଲ୍ଲ ନ୍ୟାୟାଳୟ ଆଉ ଲଖନ୍ପୁର୍ ଗ୍ରାମ୍ୟ ନ୍ୟାୟାଳୟ ନ ଜିଲ୍ଲା ଆଉ ଦୌରାଜଜ୍ ପ୍ରଶାନ୍ତ କୁମାର୍ ନାୟକଙ୍କର୍ ଅଧ୍ୟକ୍ଷତାଥି ଲୋକ୍ଅଦାଲତ୍ ଅନୁଷ୍ଠିତ୍ ହେଇଥିଲା । ଇନ ୧ ହଜାର୍ ୭ ଶହ ୫୭ ଟା ମାମ୍ଲାର୍ ଫଏସଲା କରାଯାଇକରି ୧ କୋଟି ୪୦ ଲାଖ୍ନୁ ଅଏତ୍କା ଟଙ୍କା ଭିନ୍ ଭିନ୍ ଆକାରେ ଆଦାୟ କରାଯାଇଥିଲା ।

ବୌଦ୍ଧ ଜିଲ୍ଲା ଆଇନ୍ ସେବା ପ୍ରାଧିକରଣ୍ ତର୍ଫୁ ଜିଲ୍ଲା ଆଉ ଦୌରାଜଜ୍ ପ୍ରତାପ୍ କୁମାର୍ ପାତ୍ରଙ୍କର୍ ଅଧ୍ୟକ୍ଷତାଥି ହେଇଥିବା ରାଷ୍ଟ୍ରୀୟ ଲୋକ୍ଅଦାଲତ୍ ନ ୫ ଶହ ୫୨ ଟା ମୋଟର୍ ଦୁର୍ଘଟଣା ଜନିତ ଦାବି ଆଉ ଅଲ୍ଗା ମାମ୍ଲା ବିଚାର୍ କରାଯାଇକରି ୪୮ ଲାଖ୍ ୪୮ ହଜାର୍ନୁ ଅଏତ୍କା ଟଙ୍କା ଆଦାୟ ଲାଗି ଧାରିଜ୍ ହେଇଥିଲା ।

କଲାହାଣ୍ଡି ଜିଲ୍ଲାର୍ ଜିଲ୍ଲା ଆଉ ଦୌରାଜଜ୍ ଅନୁପ୍ ରଞ୍ଜନ୍ ପଟ୍ଟନାୟକ୍ଙ୍କର୍ ଅଧ୍ୟକ୍ଷତା ନ ଆଏଜ୍ ବିଚାର୍ ବିଭାଗୀୟ

ଅଦାଲତ୍‌ମାନ୍‌କେ ହେଇଥିବା ଲୋକ ଅଦାଲତ୍ ନ ୨ ହଜାର୍ ୩ ଶହ ୫୧ ଟା ମାମ୍‌ଲାର୍ ଫଏସଲା କରାଯାଇଥିଲା । ୨୪ ଟା ମଟର୍ ଦୁର୍ଘଟଣା ଜନିତ ମାମ୍‌ଲାର୍ ଫଏସଲା କରାଯାଇକରି ୧ କୋଟି ୨୯ ଲାଖ୍ ୨୪ ହଜାର୍ ଟଙ୍କାର୍ କ୍ଷତିପୂରଣ୍ ଦିଆଯାଇଥିଲା ।

ଶକ୍ତି ସଂରକ୍ଷଣ୍ ଦିବସ     ଆର୍‌ଏନ୍‌ୟୁ ସମ୍ବଲପୁର୍

ଆଏଜ୍ ଶକ୍ତି ସଂରକ୍ଷଣ୍ ଦିବସ୍ । ଶକ୍ତି ସଂରକ୍ଷଣ୍ ଆର୍ ତାର୍ ବେଭାର୍ ବାବ୍‌ଦେ ସଚେତନତା ସୃଷ୍ଟି କର୍‌ବାର୍‌ଟା ଆଝିର୍ ଦିନ ପାଲନ୍‌ର ମୁଲ୍ ଉଦ୍ଦେଶ୍ ଆଏ । ବିଜ୍‌ଲିର୍ ଠିକ୍ ବେଭାର୍ ଆର୍ ପରିଚାଲନା- ଶକ୍ତି ସଂରକ୍ଷଣ୍ ସହେତେ ପରିବେଶ୍‌କେ ସୁରକ୍ଷିତ୍ କର୍‌ସି । ଶକ୍ତିକେ ବଁଚାବାର୍ ଲାଗି ସର୍‌କାରୀ ଆର୍ ବେସର୍‌କାରୀ ସ୍ତରଥି ବହୁତ୍ ଚେରେଷ୍ଟା ଚାଲିଛେ ଆର୍ ସୌରଶକ୍ତିକେ ଗୁରୁତ୍ୱ ଦିଆଯାଉଛେ । ଲୋକ୍‌ମାନ୍‌କର୍ ଭିତ୍‌ରେ ବିଜ୍‌ଲି ବଁଚାବାର୍ ଲାଗି ସଚେତନ୍ ସୃଷ୍ଟି କରାଯାଉଛେ ।

ରାଜ୍ୟପାଲ୍ ରଘୁବର୍ ଦାସ ଇ ଅବ୍‌ସରେ ଶକ୍ତି ସଂରକ୍ଷଣ୍ କରିକରି ଦେଶର୍ ଉନ୍ନତିଥି ସହଯୋଗ୍ କର୍‌ବାର୍‌କେ ଜନସାଧାରଣଙ୍କୁ ଆହ୍ୱାନ୍ ଦେଇଛନ୍ । ମୁଖ୍ୟମନ୍ତ୍ରୀ ମୋହନ୍ ଚରଣ୍ ମାଝୀ ଦକ୍ଷତାର୍ ସହେତେ ଶକ୍ତିର୍ ବେଭାର୍ ଜରିଏ

ଆଗାମୀ ପିଢ଼ିର୍ ଗୁଟେ ଉତମ୍ ଭବିଷ୍ୟତ୍ ସୁନିଶ୍ଚିତ୍ କର୍‌ବାର୍‌କେ ଲୁକ୍‌କୁ ପରାମର୍ଶ ଦେଇଛନ୍ ।

ଉପମୁଖ୍ୟମନ୍ତ୍ରୀ ଆଉ ଶକ୍ତିମନ୍ତ୍ରୀ କନକ ବର୍ଦ୍ଧନ୍ ସିଂହଦେଓ ଶକ୍ତି ସଂରକ୍ଷଣ୍‌ର ବହୁତ୍ ବଡ଼୍ ଭୂମିକା ରହିଛେ ବଲି କହିଛନ୍ । ଫି’ ଦିନ୍ ଜୀବନ୍‌ଥି ଶକ୍ତି ସଂରକ୍ଷଣ୍ ଦିଗେ ଛୋଟ୍ ଛୋଟ୍ ପଦକ୍ଷେପ୍ ଭିଲ୍ ବିଦ୍ୟୁତ୍ ଶକ୍ତିର୍ ନୁକ୍‌ସାନ୍‌କେ କମାବାର୍‌ଥି ସାହାଜ୍ କର୍‌ବା ବଲି ଉପମୁଖ୍ୟମନ୍ତ୍ରୀ କହିଛନ୍ ।

ବାଲ୍ ବୈଜ୍ଞାନିକ୍ ପ୍ରଦର୍ଶନୀ          ଆର୍‌ଏନ୍‌ୟୁ/ କଟକ୍

ରାଜ୍ୟସ୍ତରୀୟ ବାଲ୍‌ବୈଜ୍ଞାନିକ୍ ପ୍ରଦର୍ଶନୀ ଆଏବା ୧୮ ତାରିଖ୍‌ନୁ ମୁଲ୍ ହେବା । ବିଜ୍ଞାନ୍ ଆଉ କାରିଗରୀକେ ଲୋକପ୍ରିୟ କର୍‌ବାର୍ ଉଦ୍ଦେଶ୍‌ଥି ବର୍‌ଗଡ଼୍ ଜିଲ୍ଲାର୍ ବର୍‌ପାଲି ସର୍‌କାରୀ ବାଳକ ହାଇସ୍କୁଲ୍ ଠାନେ ଇ ପ୍ରଦର୍ଶନୀ ଆୟୋଜନ୍ କରାଯିବା । ଏନ୍‌ସିଇଆର୍‌ଟି ମାର୍ଗଦର୍ଶିକା ଅନ୍‌ସାରେ ଶିକ୍ଷକ୍, ଶିକ୍ଷା ଆଉ ଏସ୍‌ସିଇଆର୍‌ଟି ନିର୍ଦ୍ଦେଶାଳୟ ତର୍‌ଫୁ ଇ କାର୍ଯ୍ୟକ୍ରମ୍ ମାନ୍ ଆୟୋଜନ୍ କରାଯାଉଛେ ।

ବାଘ୍‌ଛାଲ୍ ଜବତ୍- ବୌଦ୍ଧ     ବୌଦ୍ଧ ସମ୍ବାଦଦାତା

ବୌଦ୍ଧ ଜିଲ୍ଲା ମନମୁଣ୍ଡା - ଶଗଡ଼ା ରାସ୍ତା ମେହେରୁଣୀ ପୋଲ୍ ପାଶୁ ଏସ୍‌ଟିଏଫ୍ ତର୍‌ଫୁ ବାଘ୍‌ଛାଲ୍ ଜବତ୍ କରାଯାଇଛେ । ଗଲାରାତି ଏସ୍‌ଟିଏଫ୍ ଅଧିକାରୀମାନେ ମେହେରୁଣୀ ପୋଲ୍ ପାଶେ ଖାନ୍‌ତଲାସ୍ ସମିଆଥି ଇ ବାଘ୍ ଛାଲ୍ ସାଙ୍ଗେ ଝନ୍‌କୁ ଗିରଫ୍ କରିକରି ଆଏଜ୍ କୋର୍ଟ ଚାଲାଣ୍ କରିଛନ୍ ।

କେନ୍ଦ୍ରୀୟ ବିଦ୍ୟାଳୟ ପ୍ରତିଷ୍ଠା ଦିବସ୍ ନୂଆପଡ଼ା ସମ୍ବାଦଦାତା

ନୂଆପଡ଼ା ଜିଲ୍ଲା ଖଡ଼ିଆଲ୍ କେନ୍ଦ୍ରୀୟ ବିଦ୍ୟାଳୟ ଠାନେ କେନ୍ଦ୍ରୀୟ ବିଦ୍ୟାଳୟର୍ ୬୨ ନମ୍ବର୍ ପ୍ରତିଷ୍ଠା ଦିବସ୍ ଆଏଜ୍ ଅନୁଷ୍ଠିତ୍ ହେଇଥିଲା । ଦେଶେ କେନ୍ଦ୍ରୀୟ ବିଦ୍ୟାଳୟ ପ୍ରତିଷ୍ଠା ଦିନୁ ବହୁତ୍‌ଟେ ସଚେତନ୍ ନାଗରିକ୍ ବନାବାର୍ ସହେତେ ସ୍ୱର୍ଣ୍ଣିମ ଭାରତ୍ ଗଠନ୍‌ଥି ବଡ଼ ଭୂମିକା ଗ୍ରହଣ୍ କରିଛେ ବଲି ଅଧ୍ୟକ୍ଷ ସଞ୍ଜିବ୍ କୁମାର୍ ସାହୁ କହିଥିଲେ । ସେ କେନ୍ଦ୍ରୀୟ ବିଦ୍ୟାଳୟ ପ୍ରତିଷ୍ଠାର୍ ଲକ୍ଷ୍ୟ, ଉଦ୍ଦେଶ୍ୟ ଆର୍ ସଫଳତା ବାବ୍‌ଦେ ଆଲୋକପାତ୍ କରିଥିଲେ ।

ବାଲ୍‌ବୈଜ୍ଞାନିକ୍ ପ୍ରଦର୍ଶନୀ-ଦେବ୍‌ଗଡ଼୍ ଦେବ୍‌ଗଡ଼୍

ଦେବ୍‌ଗଡ଼୍ ଜିଲ୍ଲା ଶିକ୍ଷା ବିଭାଗ୍ ତର୍‌ଫୁ ଟାଉନ୍ ହାଇସ୍କୁଲ୍ ଠାନେ ବାଲ୍‌ବୈଜ୍ଞାନିକ ପ୍ରଦର୍ଶନୀ ଆଉ ଶକ୍ତି ସଂରକ୍ଷଣ୍ ବିଜ୍ଞାନ୍ ପ୍ରଦର୍ଶନୀ ଅନୁଷ୍ଠିତ୍ ହେଇଯାଇଛେ । ଇନ ଜିଲ୍ଲାର୍ ୩ ଟା ବ୍ଲକ୍‌ନୁ ଛାତ୍ରଛାତ୍ରୀମାନ୍‌କର୍ ୪୨ ଟା ପ୍ରକଳ୍ପ ପ୍ରଦର୍ଶନ୍ କରାଯାଇଥିଲା । ଉଦ୍‌ଯାପନୀ ଉତ୍ସବ୍‌ଥି ବିଧାୟକ୍ ରୋମାଂଚ ରଞ୍ଜନ୍ ବିଶ୍ୱାଲ୍, ନଗର୍‌ପାଲ୍ ଶାନ୍ତିମଞ୍ଜରୀ ଦେଇ, ଜିଲ୍ଲାଶିକ୍ଷା ଅଧିକାରୀ ରାଧାକାନ୍ତ ଗଡ଼ତିଆ ଯୋଗ୍ ଦେଇଥିଲେ ।

ଝାର୍‌ସୁଗୁଡ଼ା ଜିଲ୍ଲାପାଲ୍ ପରିଦର୍ଶନ୍ ଆର୍‌ଏନ୍‌ୟୁ /ସମ୍ବଲପୁର

ଝାର୍‌ସୁଗୁଡ଼ା ଜିଲ୍ଲା ନ ପରିବେଶ୍ ସୁରକ୍ଷା ଉଦ୍ଦେଶ୍‌ଥି ଚାଲିଥିବା ବୃକ୍ଷରୋପଣ୍ ଅଭିଯାନ୍‌କେ ଜିଲ୍ଲାପାଲ୍ ଆବୋଲି ସୁନୀଲ୍ ନର୍‌ୱଣେ ପରିଦର୍ଶନ୍ କରିଥିଲେ । ଜିଲ୍ଲା ଜଙ୍ଗଲ୍ ଆଉ ପରିବେଶ୍ ବିଭାଗ୍ ତର୍‌ଫୁ ଶିଳ୍ପ ସଂସ୍ଥାମାନ୍‌କର୍ ସାହାଜିଥି ଜିଲ୍ଲାର୍ ଦେବାଡିହି ଆଉ ଚିଠୁଆପଡ଼ା ଠାନେ କରାଯାଇଥିବାର୍ ବୃକ୍ଷରୋପଣ୍ କାର୍ଯ୍ୟକ୍ରମ୍ ବୁଲି ଦେଖିଥିଲେ ଆଉ ଜଗାଯାଇଥିବାର୍ ଗଛ୍ ମାନ୍‌କର୍ ଯତନ୍

କର୍‌ବାର୍ ଲାଗି ପରିବେଶ୍ ସୁରକ୍ଷା ସମିତିର କର୍ମକର୍ତାମାନ୍‌କୁ କହିଥିଲେ ।

ଭାଗ୍‌ବତ୍ ପ୍ରସାଦ୍ ନନ୍ଦ- ଜୟନ୍ତୀ ଆର୍‌ଏନ୍‌ୟୁ/ ସମ୍ବଲପୁର

ବିଶିଷ୍ଟ ସମାଜ୍‌ସେବୀ ଭାଗ୍‌ବତ୍ ପ୍ରସାଦ୍ ନନ୍ଦଙ୍କର୍ ୮୮ ନମ୍ବର୍ ଜୟନ୍ତୀ ଅବ୍‌ସରେ ସମ୍ବଲ୍‌ପୁର୍ ସ୍ୱାଧୀନତା ସଂଗ୍ରାମୀ ଭବନ୍ ଠାନେ ଗୁଟେ ସଭା ହେଇଥିଲା । ଇଥି ଉତ୍କଳ ସଂସ୍କୃତି ବିଶ୍ୱବିଦ୍ୟାଳୟର୍ ଆଘର୍ କୁଳପତି ନରେନ୍ଦ୍ର କୁମାର୍ ମିଶ୍ର ମୁଖିଆ କୁନୁଆଁ, ଓଡ଼ିଶା ରାଜ୍ୟ ମାନବାଧିକାର୍ କମିଶନ୍ ର ଅଧ୍ୟକ୍ଷ ଜଷ୍ଟିସ୍ ଶତ୍ରୁଘ୍ନ ପୂଜାରୀ, ଆଘର୍ ଅର୍ଥମନ୍ତ୍ରୀ ପଂଚାନନ କାନୁନ୍‌ଗୋ, ଶିକ୍ଷାବିତ୍ ଅରବିନ୍ଦ ମହାପାତ୍ର, ସାମ୍ବାଦିକ ସୁଧୀର ପଟ୍ଟନାୟକ୍ ଯୋଗ୍ ଦେଇକରି ଭାଗ୍‌ବତ୍ ପ୍ରସାଦ୍ ନନ୍ଦଙ୍କର୍ ସେବା ଜୀବନ୍ ବାବ୍‌ଦେ ଆଲୋଚନା କର୍‌ବାର୍ ସହେତେ ତାଙ୍କର୍ ଜୀବନୀ ବହି 'ମନେ ପଡ଼େ' ଉନ୍ମୋଚନ୍ କରିଥିଲେ ।

ପିଏମ୍ କିଷାନ୍ ସମିଆ ବୃଦ୍ଧି ଆର୍‌ଏନ୍‌ୟୁ /ସମ୍ବଲପୁର

ପିଏମ୍ କିଷାନ୍ ଯୋଜ୍‌ନାର୍ ସ୍ୱତନ୍ତ୍ର ଅବଧିକେ ଆଏବା ୩୧ ତାରିଖ୍‌ତକ୍ ବଢ଼ାଯାଇଛେ । ଗାଁ ଆଉ ସହରର୍ ଛୋଟ୍, ନାମମାତ୍ର, ମଧ୍ୟମ୍ ଆଉ ବଡ଼ ଚାଷୀ ଇ ପ୍ରକ୍ରିୟାଥି ସାମିଲ୍ ହେଇପାର୍‌ବେ । ପିଏମ୍ କିଷାନ୍ ଯୋଜ୍‌ନାର୍ ଲାଗି ନିଜର୍ ବେଙ୍କ୍ ଏକାଉଂଟ୍ ସହେତେ ଏନ୍‌ପିସିଆଇ ଅଧୀନ୍‌ର ଆଧାର୍‌ଥି ସଂଯୋଗ୍ କର୍‌ବାର୍ ଆଉ ଜମି ଜମା ବାବ୍‌ଦର୍ ତଥ୍ୟ କୃଷକ୍ ଓଡ଼ିଶା ପୋର୍ଟାଲ୍‌ଥି ଅପ୍‌ଡେଟ୍ କର୍‌ବାର୍ ସହେତେ ପିଏମ୍ କିଷାନ୍ ପୋର୍ଟାଲ୍‌ଥି ନିଜର୍ ଇ-କେଓ୍ୱାଇସି ପୁରା କର୍‌ବାର୍ ଲାଗି କୃଷି ଆଉ କୃଷକ୍ ସଶକ୍ତିକରଣ୍ ବିଭାଗ୍ ତର୍‌ଫୁ କୁହାଯାଇଛେ ।

ଶୀତ ଆର୍‌ଏନ୍‌ୟୁ/କଟକ୍

ରାଏଜେ ଶୀତର୍ ପ୍ରକୋପ୍ ଜାରି ରହିଛେ । ଭୁବ୍‌ନେଶ୍ୱର୍ ଆଂଚଲିକ୍ ପାଣିପାଗ୍ ବିଜ୍ଞାନ୍ କେନ୍ଦ୍ରର୍ ସୂଚ୍‌ନା ଅନ୍‌ସାରେ ଆଏବା ୩ ଦିନ୍ ତକ୍ ପାଗ୍ ନାଇଁ ବଦ୍‌ଲେ ଆଉ ଶୀତ୍ ଜାରି ରହେବା । ରାଏତ୍ ବେଲିଆ ତାତି ୩ ନୁ ୫ ଡିଗ୍ରୀ ସେଲ୍‌ସିଅସ୍‌ତକ୍ କମ୍‌ବା । ଆଏବା କାଏଲ୍‌ତକ୍ ଜବର୍ ଶୀତ୍ ହେବା ବଲି ଝାର୍‌ସୁଗୁଡ଼ା ଆଉ ସୁନ୍ଦର୍‌ଗଡ଼୍ ଜିଲ୍ଲାକେ ସତର୍କ ସୂଚ୍‌ନା ଜାରି କରାଯାଇଛେ ।